# NATIONAL NEWS BULLETIN (ODIA)
## 27th December - 2024
## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଉଦୟନାଥ ସ୍ୱାଇଁ**

## ମୁଖ୍ୟ ସମ୍ବାଦ

- ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂଙ୍କ ବିୟୋଗରେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ଅନ୍ୟାନ୍ୟ ନେତୃବୃନ୍ଦଙ୍କ ଶୋକ ।

— ଆସନ୍ତାକାଲି ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ହେବ ।

- କ୍ରମାଗତ ଷଷ୍ଠ ବର୍ଷ ପାଇଁ ଭାରତୀୟ ବ୍ୟାଙ୍କ୍‌ଗୁଡ଼ିକର ଲାଭ ପରିମାଣ ବୃଦ୍ଧି ନେଇ ରିଜର୍ଭ ବ୍ୟାଙ୍କ୍‌ର ସୂଚନା ।

- ୟମନ ରାଜଧାନ ସନାରେ ହୁତୀ ବିଦ୍ରୋହୀଙ୍କଦ୍ୱାରା ଗିରଫ ଜାତିସଂଘ କର୍ମଚାରୀଙ୍କ ମୁକ୍ତି ନେଇ କଥାବାର୍ତ୍ତା ଚୂଡ଼ାନ୍ତ ।

ଏବଂ

- ଆଇ.ସି.ସି. ଚାମ୍ପିୟନ୍‌ସିପ ମହିଳା କ୍ରିକେଟ୍‌ର ଅନ୍ତିମ ମ୍ୟାଚ୍‌ରେ ୱେଷ୍ଟ ଇଣ୍ଡିଜ୍‌କୁ ୫ ୱିକେଟ୍‌ରେ ପରାସ୍ତ କରି ଭାରତ ୩–୦ରେ ସିରିଜ୍ ବିଜୟୀ ।

## ମନମୋହନ ସିଂହ

ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କର ଗତ ରାତିରେ ୯୨ ବର୍ଷ ବୟସରେ ପରଲୋକ ଘଟିଛି । ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା କାରଣରୁ ସେ ଚିକିତ୍ସିତ ହେଉଥିଲେ । ଦିଲ୍ଲୀର ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ – ଏମସ୍‌ରେ ଡକ୍ଟର ସିଂହ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଗତକାଲି ସନ୍ଧ୍ୟାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ସିଂହ ସଂଜ୍ଞାହୀନ ହୋଇପଡ଼ିବା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ନୂଆଦିଲ୍ଲୀ ଏମସ୍‌ର ଜରୁରୀ କାଳୀନ ବିଭାଗରେ ଭର୍ତ୍ତି କରାଯାଇଥିଲା । ବହୁ ଚେଷ୍ଟା ସତ୍ତ୍ୱେ ତାଙ୍କୁ ବଞ୍ଚାଯାଇ ପାରି ନ ଥିଲା । ରାତି ୯ଟା ୫୧ ମିନିଟ୍‌ରେ ଏମସ୍ ପକ୍ଷରୁ ଶ୍ରୀ ସିଂହଙ୍କୁ ମୃତ ଘୋଷଣା କରାଯାଇଥିଲା । ଡକ୍ଟର ସିଂହଙ୍କ ସ୍ୱାସ୍ଥ୍ୟାବସ୍ଥା ଗତ କିଛି ମାସ ହେବ ଖରାପ ରହିଥିଲା । ତାଙ୍କ ପରିବାରରେ ପତ୍ନୀ ଗୁରୁସରଣ କୌର ଓ ତିନି ଝିଅ ଅଛନ୍ତି ।

ତତ୍କାଳୀନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ୍ମା ରାଓଙ୍କ ଅଧୀନରେ ଅର୍ଥମନ୍ତ୍ରୀ ଥିବା ଡକ୍ଟର ସିଂହ ୧୯୯୧ ମସିହାରେ ଅର୍ଥନୈତିକ ଉଦାରିକରଣ କ୍ଷେତ୍ରରେ

ପ୍ରମୁଖ ଭୂମିକା ଗ୍ରହଣ କରିଥିବା କୁହାଯାଏ । ସେ ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାରରେ ଦୁଇଥର ପ୍ରଧାନମନ୍ତ୍ରୀ ହୋଇଥିଲେ । ଦୀର୍ଘ ୩୩ ବର୍ଷ କାର୍ଯ୍ୟ କରିବା ପରେ ସେ ଚଳିତ ବର୍ଷ ଏପ୍ରିଲ୍‌ରେ ରାଜ୍ୟସଭାରୁ ଅବସର ନେଇଥିଲେ । ୧୯୩୨ ମସିହା ସେପ୍ଟେମ୍ବର ୨୬ ତାରିଖରେ ଅବିଭକ୍ତ ଭାରତର ପଞ୍ଜାବ ପ୍ରଦେଶର ଏକ ଗ୍ରାମରେ ଜନ୍ମଗ୍ରହଣ କରିଥିବା ଶ୍ରୀ ସିଂହ ଭାରତର ତ୍ରୟୋଦଶ ପ୍ରଧାନମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ ।

## ପି.ଏମ୍. - ମନମୋହନ କଣ୍ଡୋଲେନ୍ସ

ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂଙ୍କ ବିୟୋଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀସ୍ଥିତ ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ସିଂଙ୍କ ବାସଭବନରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

ଏକ ଭିଡ଼ିଓ ବାର୍ତ୍ତାରେ ଶ୍ରୀ ମୋଦୀ କହିଛନ୍ତି, ଭାରତ ତା'ର ଅନ୍ୟତମ ବିଶିଷ୍ଟ ନେତାଙ୍କ ବିୟୋଗରେ ଶୋକ ପ୍ରକାଶ କରୁଛି । ସେ କହିଛନ୍ତି, ସାଧାରଣ ମଣିଷଟିଏ କିଭଳି ପରିଶ୍ରମ ବଳରେ ଉଚ୍ଚ ସ୍ଥାନରେ ପହଞ୍ଚି ପାରନ୍ତି ଏବଂ ଭବିଷ୍ୟତ ପିଢ଼ି ପାଇଁ ପ୍ରେରଣା ହୋଇପାରନ୍ତି, ସେ କ୍ଷେତ୍ରରେ ଡକ୍ଟର

ସିଂ ହେଉଛନ୍ତି ଉଦାହରଣ । ଶ୍ରୀ ମୋଦୀ କହିଛନ୍ତି, ଡକ୍ଟର ମନମୋହନ ସିଂ ଜଣେ ନମ୍ର ମଣିଷ, ଦୂରଦର୍ଶୀ ଅର୍ଥନୀତିଜ୍ଞ ଓ ମହାନ୍ ନେତା ଭାବେ ଚିରସ୍ମରଣୀୟ ହୋଇ ରହିବେ । ପ୍ରଧାନମନ୍ତ୍ରୀ କହିଛନ୍ତି, ପି.ଭି. ନରସିଂହରାଓଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ଅର୍ଥମନ୍ତ୍ରୀ ଭାବେ ଡକ୍ଟର ସିଂ ଅର୍ଥନୈତିକ ଉଦାରୀକରଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିବା ସହ ଦେଶର ଆର୍ଥିକ ସଂକଟ ସମୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ, କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ଲୋକସଭାରେ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ' ମନମୋହନ ସିଂଙ୍କ ବାସଭବନକୁ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ' ଡକ୍ଟର ମନମୋହନ ସିଂଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି, ସେ ଅତ୍ୟନ୍ତ ନମ୍ର ଓ ଭାରତୀୟ ଅର୍ଥନୀତିର ଦିଗ୍‌ଦର୍ଶକ ଥିଲେ ।

ପୂର୍ବତନ ଉପରାଷ୍ଟ୍ରପତି ହମିଦ୍ ଅନ୍‌ସାରୀ କହିଛନ୍ତି, ଡକ୍ଟର ସିଂହଙ୍କଦ୍ୱାରା ପ୍ରଣୀତ ନୂତନ ଅର୍ଥନୈତିକ ଯୋଜନା ଫଳରେ ଦେଶରେ ଦ୍ରୁତ ଅର୍ଥନୈତିକ ବିକାଶ ହୋଇପାରିଥିଲା ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ବିଜେପି ଅଧ୍ୟକ୍ଷ ତଥା କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ତି, ଦେଶର ଅଗଣିତ ଜନତାଙ୍କର ଜୀବନରେ ପରିବର୍ତ୍ତନ ଆଣିଥିବା ନେତାଙ୍କୁ ହରାଇ ଦେଶ ଗଭୀର ଶୋକ ପ୍ରକାଶ କରୁଛି । ଉଭୟ

ରାଜନୈତିକ ଏବଂ ଅର୍ଥନୈତିକ କ୍ଷେତ୍ରରେ ଡକ୍ଟର ସିଂହଙ୍କ ଅନୁପସ୍ଥିତି ଅନୁଭୂତ ହେବ ବୋଲି ସେ କହିଛନ୍ତି ।

କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି, ଡକ୍ଟର ସିଂଙ୍କ ନିଧନ ସହ ଦେଶ ଜଣେ ଅର୍ଥନୈତିକ ସଂସ୍କାରକଙ୍କୁ ହରାଇଲା ।

କେନ୍ଦ୍ରମନ୍ତ୍ରୀ ମନୋହରଲାଲ ଖଟ୍ଟର କହିଛନ୍ତି, ଡକ୍ଟର ସିଂ ଦେଶକୁ ବିକାଶର ନୂଆ ଦିଶା ପ୍ରଦାନ କରିଥିଲେ ।

ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକବାର୍ତ୍ତାରେ କହିଛନ୍ତି, ଡକ୍ଟର ସିଂଙ୍କ ନିଷ୍ଠା ଏବଂ ନେତୃତ୍ୱ ସର୍ବଦା ସ୍ମରଣୀୟ ହୋଇ ରହିବ ।

ପୂର୍ବତନ ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଫାରୁକ୍ ଅବଦୁଲ୍ଲା ଡକ୍ଟର ସିଂହଙ୍କୁ ମନେପକାଇ କହିଛନ୍ତି, ସେ ଜଣେ ସଫଳ ଅର୍ଥନୀତିଜ୍ଞ ଥିଲେ, ଯେ କି ଦେଶର ଅର୍ଥନୀତିକୁ ସୁଚାରୁରୂପେ ପରିଚାଳନା କରିପାରିଥିଲେ ।

ସି.ପି.ଆଇ.ଏମ୍. ପକ୍ଷରୁ ମଧ୍ୟ ଡକ୍ଟର ମନମୋହନ ସିଂହଙ୍କ ବିୟୋଗରେ ଶୋକ ପ୍ରକାଶ କରାଯିବା ସହ ତାଙ୍କର ୧୦ ବର୍ଷର କାର୍ଯ୍ୟକାଳ ମଧ୍ୟରେ ଧର୍ମନିରପେକ୍ଷ ଓ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଅକ୍ଷୁଣ୍ଣ ରଖି ଦେଶରେ ସେ ଅନେକ ଯୋଜନା ପ୍ରଣୟନ କରିଥିଲେ ବୋଲି କୁହାଯାଇଛି ।

ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ସିଂହଙ୍କ ବିୟୋଗରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଗଭୀର ଶୋକ ପ୍ରକାଶ କରିଛି ।

## ପି.ଏମ୍. - ସୁଜୁକି କଣ୍ଡୋଲେନ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୁଜୁକି ମୋଟର କର୍ପୋରେସନ୍‌ର ପୂର୍ବତନ ଅଧ୍ୟକ୍ଷ ଓସାମୁ ସୁଜୁକିଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି । ପ୍ରଧାନମନ୍ତ୍ରୀ ତାଙ୍କ ବାର୍ତ୍ତାରେ କହିଛନ୍ତି, ସେ ଅଟୋମୋବାଇଲ୍ ଶିଳ୍ପର ଜଣେ କିମ୍ବଦନ୍ତୀ ବ୍ୟକ୍ତିତ୍ୱ ଥିଲେ ।  ତାଙ୍କ ନେତୃତ୍ୱରେ ସୁଜୁକି ମୋଟର କର୍ପୋରେସନ୍ ଏକ ଅନ୍ତର୍ଜାତୀୟ ଶକ୍ତି କେନ୍ଦ୍ରରେ ପରିଣତ ହୋଇଛି । ନୂତନ ଚ୍ୟାଲେଞ୍ଜର ମୁକାବିଲା, ନବସୃଜନତାକୁ ପ୍ରାଧାନ୍ୟ ଏବଂ ସମ୍ପ୍ରସାରଣ କ୍ଷେତ୍ରରେ ସେ ସଫଳତା ହାସଲ କରିଥିଲେ । ଭାରତ ପ୍ରତି ତାଙ୍କର ଆନ୍ତରିକତା ଓ ମାରୁତି ସହ ସହଭାଗିତା ଭାରତୀୟ ଅଟୋମୋବାଇଲ ବଜାରରେ ବିପ୍ଳବ ଆଣିଦେଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଆର୍.ବି.ଆଇ. - ପ୍ରୋଗ୍ରେସ୍ ରିପୋର୍ଟ

୨୦୨୩-୨୪ ଆର୍ଥିକ ବର୍ଷରେ କ୍ରମାଗତ ଷଷ୍ଠ ବର୍ଷ ପାଇଁ ବ୍ୟାଙ୍କ୍‌ଗୁଡ଼ିକର ଲାଭ ବୃଦ୍ଧି ପାଇଛି । ଭାରତୀୟ ରିଜର୍ଭ ବ୍ୟାଙ୍କ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ମଧ୍ୟ ଲାଭ ବୃଦ୍ଧି ପାଇଛି ବୋଲି ଆର୍.ବି.ଆଇ. କହିଛି । ରିଜର୍ଭ ବ୍ୟାଙ୍କ୍

ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ୨୦୨୩-୨୪ ଆର୍ଥିକ ବର୍ଷରେ ବ୍ୟାଙ୍କ୍ ଗୁଡ଼ିକର ସମ୍ପତ୍ତି ଗୁଣବତ୍ତା ବୃଦ୍ଧି ପାଇବା ସହ ଏନ୍.ପି.ଏ. ଅନୁପାତ ୧୩ ବର୍ଷ ମଧ୍ୟରେ ସର୍ବନିମ୍ନ ରହିଥିଲା । ଚଳିତ ବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ଏହା ୨ ଦଶମିକ୍ ୭ ଏବଂ ସେପ୍ଟେମ୍ବର ସୁଦ୍ଧା ୨ ଦଶମିକ୍ ୫ ପ୍ରତିଶତକୁ ହ୍ରାସ ପାଇଥିଲା । ଏହା ବ୍ୟତୀତ ୨୦୨୩-୨୪ରେ ତୃତୀୟ ବର୍ଷ ପାଇଁ ସହରାଞ୍ଚଳ ସମବାୟ ବ୍ୟାଙ୍କ୍‌ଗୁଡ଼ିକର ଲାଭ ପରିମାଣ ବୃଦ୍ଧି ପାଇଛି । ଅଣବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନୀଗୁଡ଼ିକର ଏନ୍.ପି.ଏ. ଅନୁପାତ ଚଳିତ ବର୍ଷ ସେପ୍ଟେମ୍ବର ସୁଦ୍ଧା ୩ ଦଶମିକ୍ ୪ ପ୍ରତିଶତକୁ ହ୍ରାସ ପାଇଛି ।

## ଡବ୍ଲ୍ୟୁ.ଏଚ୍.ଓ. - ହୁତୀ

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ମହାନିର୍ଦ୍ଦେଶକ ଟେଡ୍ରସ୍ ଅଧୋନମ୍ ଘେବ୍ରିୟେସସ୍ କହିଛନ୍ତି, ୟମନ୍‌ର ରାଜଧାନୀ ସନାରେ ହୁତୀ ବିଦ୍ରୋହୀମାନଙ୍କଦ୍ୱାରା ଗିରଫ ହୋଇଥିବା ୧୩ ଜଣ ଜାତିସଂଘ କର୍ମଚାରୀଙ୍କ ମୁକ୍ତି ନେଇ କଥାବାର୍ତ୍ତା ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଶ୍ରୀ ଘେବ୍ରିୟେସସ୍ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଗିରଫ କର୍ମଚାରୀମାନଙ୍କର ତତ୍କାଳ ମୁକ୍ତି ଦାବି କରିଛି । ଗତ ଜୁନ୍ ମାସରେ ଜାତିସଂଘ ତା'ର ୧୩ ଜଣ କର୍ମଚାରୀଙ୍କୁ ହୁତୀ ବିଦ୍ରୋହୀମାନେ ଗିରଫ ଗରିଥିବା ନେଇ ସୂଚନା ଦେଇଥିଲା । ଶ୍ରୀ ଘେବ୍ରିୟେସସ୍ କହିଛନ୍ତି, ସନା ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ତାଙ୍କ ପ୍ରସ୍ଥାନ

ପୂର୍ବରୁ ସେଠାରେ ବୋମାମାଡ଼ ହୋଇଥିଲା । ସେ କହିଛନ୍ତି, ସେତେବେଳେ ତାଙ୍କ ସହ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଅନ୍ୟାନ୍ୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ । କିନ୍ତୁ ଏହି ଘଟଣାରେ ସେ ଓ ତାଙ୍କର ସହକର୍ମୀମାନେ ସୁରକ୍ଷିତ ଅଛନ୍ତି ।  ବିମାନ ବନ୍ଦର ବୋମାମାଡ଼ରେ କ୍ଷତିଗ୍ରସ୍ତ ହୋଇଥିବାରୁ ମରାମତି କାର୍ଯ୍ୟ ଶେଷ ହେବା ପରେ ସେମାନେ ସନାରୁ ପ୍ରସ୍ଥାନ କରିବେ ।

## ଆଜ୍‌ମେର ସରିଫ୍ - ଉର୍ସ

ରାଜସ୍ଥାନର ଆଜମେରଠାରେ ସୁଫି ସନ୍ଥ ହଜରତ୍ ଖ୍ୱାଜା ମୋଇନୁଦ୍ଦିନ ଚିସ୍ତିଙ୍କର ୮୧୩ତମ ଉର୍ସ ଉତ୍ସବପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ସଂଖ୍ୟାଲଘୁ ମନ୍ତ୍ରଣାଳୟ ସାମାଜିକ ଗଣମାଧ୍ୟମର ଏକ ପୋଷ୍ଟରେ କହିଛି, ଆସନ୍ତାକାଲି ଆଜ୍‌ମେର’ର ଦରଗାହ ଖ୍ୱାଜା ସାହେବରେ ଧ୍ୱଜା ଉତ୍ସବ ପାଳନ କରାଯିବ । ଉର୍ସ ହେଉଛି ଜଣେ ସୁଫି ସନ୍ଥଙ୍କର ଶ୍ରାଦ୍ଧବାର୍ଷିକ, ଯାହାକି ସେହି ସନ୍ଥଙ୍କ ଦରଗାହରେ ପାଳନ କରାଯାଇଥାଏ ।

## କ୍ରିକେଟ୍ - ୱିମେନ୍

ଆଇ.ସି.ସି. ଚାମ୍ପିୟନ୍‌ସିପ୍ ମହିଳା କ୍ରିକେଟ୍‌ର ତୃତୀୟ ତଥା ଅନ୍ତିମ ଏକଦିବସୀୟ ମ୍ୟାଚ୍‌ରେ ଭାରତ ୱେଷ୍ଟ ଇଣ୍ଡିଜ୍‌କୁ ୫ ୱିକେଟ୍‌ରେ ପରାସ୍ତ

କରିଛି । ଏଥିସହ ଭାରତ ଏକଦିବସୀୟ ଶୃଙ୍ଖଳାକୁ ୩-୦ରେ ବିଜୟୀ ହୋଇଛି । ଭଦୋଦରାର କୋଟାମ୍ବି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ୱେଷ୍ଟ ଇଣ୍ଡିଜ୍ ପ୍ରଥମେ ବ୍ୟାଟିଂ କରି ୩୮ ଓଭର୍ ଗୋଟିଏ ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୧୬୨ ରନ୍ ସଂଗ୍ରହ କରିଥିଲା । ଭାରତ ପକ୍ଷରୁ ଦୀପ୍ତି ଶର୍ମା ୩୧ ରନ୍ ଦେଇ ୬ଟି ୱିକେଟ୍ ଅକ୍ତିଆର କରିବା ସହ ଦିନିକିଆ ଆନ୍ତର୍ଜାତିକରେ ଦୁଇଥର ୬ଟି ଲେଖାଏଁ ୱିକେଟ୍ ହାସଲ କରିବା କ୍ଷେତ୍ରରେ ପ୍ରଥମ ଭାରତୀୟ ମହିଳା ଖେଳାଳି ହୋଇଛନ୍ତି । ୧୬୩ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତୀୟ ଦଳ ମାତ୍ର ୨୮ ଓଭର୍ ୨ଟି ବଲ୍‌ରେ ୫ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା । ଦୀପ୍ତି ଶର୍ମା ୩୯ ରନ୍ ସଂଗ୍ରହ କରି ଅଲ୍‌ରାଉଣ୍ଡର୍ ଭୂମିକା ତୁଲାଇଥିଲେ ।

## ଇଣ୍ଡିଆ-ଅଷ୍ଟ୍ରେଲିଆ ଟେଷ୍ଟ୍

ମେଲ୍‌ବୋର୍ଣ୍ଣରେ ଖେଳାଯାଉଥିବା ବର୍ଡ଼ର ଗାଭାସ୍କର ଟ୍ରଫିର ଚତୁର୍ଥ ଟେଷ୍ଟ ମ୍ୟାଚ୍‌ର ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଭାରତ ୫ ୱିକେଟ୍ ହରାଇ ୧୬୪ ରନ୍ ସଂଗ୍ରହ କରିଛି । ଅଷ୍ଟ୍ରେଲିଆ ତା'ର ପ୍ରଥମ ଇନିଙ୍ଗ୍‌ସ୍‌ରେ ୪୭୪ ରନ୍ ସଂଗ୍ରହ କରିଥିଲା ।

*****